# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**1 April - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟବ୍ୟାପୀ ପାଳିତ ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ

– ଉତ୍କଳ ଦିବସ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

- ରାଜ୍ୟରେ ଆଉ ଦୁଇ ସପ୍ତାହ ମଧ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା

- ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ପାଇଁ ଆସନ୍ତାକାଲି ସନ୍ଧ୍ୟା ୫ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ

ଏବଂ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ପୋଷଣ ଅଭିଯାନ

# ଓଡ଼ିଶା ଦିବସ

ରାଜ୍ୟରେ ଆଜି ପାଳିତ ହେଉଛି ଉତ୍କଳ ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଗର୍ବ ଏବଂ ଗୌରବର ଦିନ । ପୃଥିବୀର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ । ଓଡ଼ିଆ ଭାଷା ତା'ର କଳା, ସଂସ୍କୃତି, ଐତିହ୍ୟ ଏବଂ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଇତିହାସକୁ ନେଇ ବିଶ୍ୱରେ ଖ୍ୟାତିଲାଭ କରିଛି । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କଳ ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂଗୀତକୁ ନେଇ ଭାରତ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାମାଜିକ ଗଣମାଧ୍ୟମରେ

ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ।

ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ଭାଇ-ଭଉଣୀ ତଥା ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କରୁଥିବା ଓଡ଼ିଆ ସମୁଦାୟଙ୍କୁ 'ଓଡ଼ିଶା ଦିବସ'ର ହାର୍ଦ୍ଦିକ ଶୁଭକାମନା ।

ସମ୍ବଲପୁରଠାରେ ଜିଲ୍ଲା ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ, ମହାନଗର ନିଗମ କମିଶନର ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ଅବଦାନ ଥିବା ବରପୁତ୍ରମାନଙ୍କୁ ସ୍ମୃତିଚାରଣ କରିଥିଲେ।

ରାୟଗଡ଼ାଠାରେ ଜିଲ୍ଲା ପ୍ରଶାସନ ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ସେହିପରି ସୁବର୍ଣ୍ଣପୁରଠାରେ ଆଜି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ ଯୋଗଦେଇ ଓଡ଼ିଶା ପ୍ରଦେଶ

ଗଠନର ପୂର୍ବସୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜିଲ୍ଲାର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ।

ପୁରୀ ସହରରେ ଏହି ଅବସରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଏବଂ ସିଂହଦ୍ୱାର ସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଆଜି ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନଠାରେ ଓଡ଼ିଶା ଦିବସ ସମାରୋହ ଅବସରରେ ଏକ ସାଧାରଣ ସଭା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

ମାଲକାନଗିରିଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ପ୍ରମୁଖ ଯୋଗଦେଇ ଶିଳ୍ପର ବିକାଶ କରାଯାଇ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି।

ନବରଙ୍ଗପୁର ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅମ୍ଳାନ ସ୍ମୃତିକୁ ଅକ୍ଷୁଣ୍ଣ ରଖିବା ସହିତ ଓଡ଼ିଆ ଅସ୍ମିତାକୁ ଗୌରବାନ୍ୱିତ କରିବା ଆଜିର ଦିବସ ପାଳନ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ।

*Desk*

## ମୁଖ୍ୟମନ୍ତ୍ରୀ– ଆୟୁଷ୍ମାନ ଯୋଜନା

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନା ଆଗାମୀ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟରେ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ ହେଲେ ରାଜ୍ୟର ପ୍ରାୟ ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ।

**- V/O –**

*Desk*

## ଓଡ଼ିଶା ପକ୍ଷ

ରାଜ୍ୟରେ ଆଜି ଉତ୍କଳ ଦିବସରୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇ କହିଛନ୍ତି, ଏହି ପକ୍ଷର ପ୍ରତ୍ୟେକ ମୁହୂର୍ତ୍ତ ସବୁ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେଉ। ଓଡ଼ିଆ ପର୍ବ ହେଉଛି ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ। ୧୯୩୬ ମସିହାରେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ପାଇଁ ଯେଉଁ ମହାପୁରୁଷମାନେ ତ୍ୟାଗ ଓ ବଳିଦାନ

ଦେଇଥିଲେ। ସେମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ। ସମସ୍ତେ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା ସହ ଓଡ଼ିଶାର ଭାଷା ଓ ସଂସ୍କୃତିକୁ ଦୈନନ୍ଦୀନ ଜୀବନରେ ଅଂଶ କରି ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଆସନ୍ତାକାଲି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ୩ ତାରିଖରେ ଆମ ପୋଷାକ ଆମ ପରିଚୟ, ୪ ତାରିଖରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ, ୫ ତାରିଖରେ ମାରାଥନ ଆୟୋଜନ କରାଯିବ।

***All PTC***

## ପୁଲିସ ପ୍ରତିଷ୍ଠା ଦିବସ

ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମା ଏବଂ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ପୁଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ପୁଲିସ ଦିବସ ପାଳନ ଅବସରରେ ଜିଲ୍ଲାସ୍ତରରେ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା।

କଟକ ପୁଲିସ ମୁଖ୍ୟାଳୟ ନିକଟରେ ଥିବା ରିଜର୍ଭ ପୁଲିସ ପଡ଼ିଆଠାରେ ଆୟୋଜିତ ପୁଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟ ପୁଲିସ’ ମହିଳା, ଶିଶୁଙ୍କୁ ସୁରକ୍ଷା

ଦେବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବା ସହ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମାଓବାଦୀ ଦମନ କ୍ଷେତ୍ରରେ ପୁଲିସ ବିଭାଗ ସଫଳତା ସହ କାର୍ଯ୍ୟ କରୁଛି ବୋଲି ଶ୍ରୀ ଖୁରାନିଆ କହିଥିଲେ।

ପୁରୀ ଜିଲ୍ଲାରେ ୯୦ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ରିଜର୍ଭ ପୁଲିସ ଲାଇନ୍ ପଡ଼ିଆଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଯୋଗଦେଇ ପରେଡ୍‌ରେ ଅଭିବାଦନ କରିବା ସହିତ ସହିଦ ହୋଇଥିବା କର୍ମଚାରୀଙ୍କ ପ୍ରତି ଶ୍ରୀ ଅଗ୍ରୱାଲ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

କେନ୍ଦ୍ରାପଡ଼ାଠାରେ ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁଲିସ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ପୁଲିସ କର୍ମଚାରୀଙ୍କ ବହୁମୁଖୀ ଦାୟିତ୍ୱ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇଥିଲେ।

ସମ୍ବଲପୁରଠାରେ ପୁଲିସ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଉତ୍ତରାଞ୍ଚଳ ଆଇ.ଜି. ହିମାଂଶୁ ଲାଲ ଯୋଗଦେଇ ପୁଲିସ ସେବାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ପୁଲିସ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ।

ବାଲେଶ୍ୱରଠାରେ ଆୟୋଜିତ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ କର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ଡି.ଆଇ.ଜି. ସତ୍ୟଜିତ ନାୟକ ଯୋଗଦେଇ

ପୁଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଭଦ୍ରକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପଦ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ୬ ଜଣ ପୁଲିସ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅନୁଗୁଳ ଛେଳିପଡ଼ା ପରେଡ୍ ପଡ଼ିଆଠାରେ ଆୟୋଜିତ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ଭୋଇ ଯୋଗଦେଇ ପୁଲିସ ବିଭାଗର କାର୍ଯ୍ୟ ଓ ଦକ୍ଷତା ସମ୍ପର୍କରେ ମତପ୍ରଦାନ କରିଥିଲେ।

କଳାହାଣ୍ଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବ୍ରକୋଣ୍ଡା ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

*Nabarangpur*

## ପୋଷଣ ଅଭିଯାନ

ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ପୋଷଣ ଅଭିଯାନ। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଜନାରେ ଆଜିଠାରୁ ସାମିଲ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଉମରକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଓ ସ୍ୱାମୀ

ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ପୋଷଣଯୁକ୍ତ ମାଣ୍ଡିଆ ଲଡ୍ଡୁ ବଣ୍ଟନର ମଧ୍ୟ ଶୁଭାରମ୍ଭ କରାଯାଇଛି। ସପ୍ତାହରେ ତିନିଦିନ ମାଣ୍ଡିଆ ଲଡ୍ଡୁ ବିଦ୍ୟାଳୟରେ ପିଲାମାନଙ୍କୁ ଦିଆଯିବ। ଏଥିସହିତ ପୋଷଣଯୁକ୍ତ ଖାଦ୍ୟ ହିସାବରେ ସପ୍ତାହକୁ ଅତିରିକ୍ତ ଗୋଟିଏ ଲେଖାଏଁ ଅଣ୍ଡା ମଧ୍ୟାହ୍ନ ଭୋଜନରେ ଦିଆଯିବ। ପୂର୍ବରୁ ସପ୍ତାହରେ ଦୁଇଟି ଅଣ୍ଡା ମଧ୍ୟାହ୍ନ ଭୋଜନରେ ଦିଆଯାଉଥିଲା।

***Puri***

## ବନଲାଗିନୀତି

ଚୈତ୍ର ମାସ ଶୁକ୍ଳ ପଞ୍ଚମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବାପରେ ଅପରାହ୍ନ ଆପାତତଃ ୫ଟା ସମୟରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଗୁପ୍ତନୀତି ସମ୍ପାଦନ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

*******************************